# NATIONAL NEWS BULLETIN (ODIA)

**7 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଭାରତର ଜାତୀୟ ସଂଗୀତ ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତିରେ ବର୍ଷବ୍ୟାପୀ ସ୍ମାରକୀ ଉତ୍ସବର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

- 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି

- ବୁଲା କୁକୁର ଓ ପଶୁଙ୍କ କବଳରୁ ସର୍ବସାଧାରଣ ରାସ୍ତା ଓ ସ୍ଥାନଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

- ବାରଣାସୀଠାରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଚାରିଟି ନୂତନ ବନ୍ଦେ ଭାରତ ଏକ୍ସପ୍ରେସ ଟେନ୍‌ର କରିବେ ଶୁଭାରମ୍ଭ

ଏବଂ

- ନୂଆଦିଲ୍ଲୀରେ ଆଜି ପାଳନ କରାଯିବ ଭାରତୀୟ ହକିର ଶତବାର୍ଷିକୀ ଉତ୍ସବ

## ବନ୍ଦେ ମାତରମ୍-୧

ଭାରତର ଜାତୀୟ ସଂଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଆଜି ଦେଶବ୍ୟାପୀ ପାଳନ କରାଯାଉଛି । ୧୮୭୫ ମସିହା ନଭେମ୍ବର ୭ ତାରିଖ' ଅକ୍ଷୟ ନବମୀରେ ବଙ୍କିମଚନ୍ଦ୍ର ଚାଟାର୍ଜୀ 'ବନ୍ଦେ ମାତରମ୍' ଲେଖିଥିଲେ । ଶକ୍ତି, ସମୃଦ୍ଧି ଏବଂ ଦିବ୍ୟତାର ପ୍ରତୀକ ଭାବରେ

ମାତୃଭୂମିକୁ ଆହ୍ୱାନ କରି ଏହି ଗୀତଟି ଭାରତର ଏକତା ଏବଂ ଜାତୀୟ ଗର୍ବର ଏକ ସ୍ଥାୟୀ ପ୍ରତୀକ ହୋଇଛି ।

**V/O (Song)**

# ପିଏମ୍‌-ବନ୍ଦେମାତରମ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍‌'ର ୧୫୦ ବର୍ଷ ପୂର୍ତ୍ତିର ବର୍ଷବ୍ୟାପୀ ସ୍ମାରକୀ ଉତ୍ସବର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ସେ ଏକ ସ୍ମାରକୀ ଡାକଟିକଟ ଏବଂ ମୁଦ୍ରା ମଧ୍ୟ ଉନ୍ମୋଚନ କରିଛନ୍ତି

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଏହି ଦିନଟି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ସ୍ମରଣୀୟ ଅବସର । 'ବନ୍ଦେ ମାତରମ୍‌' ଏକ ଉତ୍ସାହଜନକ ଆହ୍ୱାନ, ଯାହା ଆଗାମୀ ପିଢ଼ିକୁ ଅନୁପ୍ରାଣିତ କରିଛି ଏବଂ ସମଗ୍ର ଦେଶରେ ଦେଶପ୍ରେମର ଭାବନା ଜାଗ୍ରତ କରିଛି ।

**V/O (PM)**

# ପ୍ରେଜ୍‌-ବନ୍ଦେ ମାତରମ୍‌

ଜାତୀୟ ସଂଗୀତ ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି ଯେ ବଙ୍କିମ୍‌ଚନ୍ଦ୍ର ଚଟୋପାଧ୍ୟାୟ ଊନଂବିଂଶ ଶତାବ୍ଦୀରେ ସନ୍ନ୍ୟାସୀ ବିଦ୍ରୋହର ପୃଷ୍ଠଭୂମିରେ ଅମର ସଂଗୀତ ବନ୍ଦେ ମାତରମ୍‌ ରଚନା କରିଥିଲେ, ଯାହା ୧୯୦୫ ସ୍ୱଦେଶୀ ଆନ୍ଦୋଳନ ସମୟରେ ବ୍ରିଟିଶରାଜ୍‌ ବିରୁଦ୍ଧରେ ପ୍ରେରଣାର ଉତ୍ସ ପାଲଟିଥିଲା । ସେବେଠାରୁ ଭାରତମାତା ପ୍ରତି ଏହି

ଶ୍ରଦ୍ଧାର ସଂଗୀତ  ଆମ ଦେଶବାସୀଙ୍କ ଭାବପ୍ରବଣ ଚେତନା ଏବଂ  ଏକତାର ଘୋଷଣା ହୋଇ ରହିଛି ଓ ରହିଥିବ ବୋଲି ରାଷ୍ଟ୍ରପତି କହିଛନ୍ତି । ଏହି ଗୌରବମୟ ଅବସରରେ ଏହି ଗୀତର ଭାବନା ଅନୁଯାୟୀ ଭାରତମାତାକୁ ସମୃଦ୍ଧ, ଫଳପ୍ରଦ ଏବଂ ଖୁସି ରଖିବା ପାଇଁ ଦୃଢ଼ ସଂକଳ୍ପ ନେବାକୁ ରାଷ୍ଟ୍ରପତି ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି ।

## ଭିପି-ବନ୍ଦେମାତରମ୍

ବନ୍ଦେ ମାତରମ୍ ଜାତୀୟ ସଂଗୀତର ୧୫୦ତମ ବାର୍ଷିକୀ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକ୍ରିଷ୍ଣନ ବନ୍ଦେ ମାତରମ୍‌କୁ ଏକ କାଳଜୟୀ ସଂଗୀତ ଭାବେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ଏହି ସଂଗୀତ ରାଷ୍ଟ୍ରବାଦର ଭାବନାକୁ ଜାଗ୍ରତ କରିଛି ଏବଂ ପିଢ଼ି ପରେ ପିଢ଼ି ପ୍ରେରଣା ଯୋଗାଇ ଆସିଛି । ଏହି ଜାତୀୟ ସଂଗୀତ ମାତୃଭୂମିକୁ ଶକ୍ତି, ସମୃଦ୍ଧି ଓ ଦେବତ୍ୱର ପ୍ରତିମୂର୍ତ୍ତି ଭାବେ ପ୍ରତୀତ କରୁଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

ଶ୍ରୀ ରାଧାକ୍ରିଷ୍ଣନ ଉଲ୍ଲେଖ କରିଛନ୍ତି ଯେ ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ  ବନ୍ଦେ ମାତରମ୍ ଏକ ଶକ୍ତିଶାଳୀ ପ୍ରତୀକ ଭାବେ ଉଭା ହୋଇଥିଲା । ଏହା ସାରା ଦେଶରେ ଦେଶାତ୍ମବୋଧକ ଉତ୍ସାହକୁ ପୁନର୍ଜୀବିତ କରିଥିଲା ଏବଂ ସମସ୍ତ ଅଞ୍ଚଳ, ଭାଷା ଓ ବିଶ୍ୱାସର ଲୋକଙ୍କୁ ଭକ୍ତି ଏବଂ ସାହସର ଏକ ସ୍ୱରରେ ବାନ୍ଧି ରଖିଥିଲା । ଏହି ସଂଗୀତ ଭାରତର ସାଂସ୍କୃତିକ ଐତିହ୍ୟ ଏବଂ ସଭ୍ୟତାଗତ ନୈତିକତାର ଏକ ସ୍ଥାୟୀ ପ୍ରତୀକ ଭାବରେ ଛିଡ଼ା ହୋଇଛି । ଆଧ୍ୟାତ୍ମିକ ଏବଂ ଜାତୀୟ ତଥା ବ୍ୟକ୍ତି ଓ ସାମୂହିକ ମଧ୍ୟରେ ସୌହାର୍ଦ୍ଦ୍ୟକୁ ଏହି ସଂଗୀତ ପ୍ରତିଫଳିତ କରେ । ଏକ ସମୃଦ୍ଧ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ରାଷ୍ଟ୍ର ନିର୍ମାଣରେ ଦେଶପ୍ରେମ, ଶୃଙ୍ଖଳା

ଏବଂ ଉତ୍ସର୍ଗୀକୃତ ଆଦର୍ଶକୁ ବଜାୟ ରଖିବା ପାଇଁ ବନ୍ଦେ ମାତରମ୍‌ର ପ୍ରତ୍ୟେକ ଅମର ଶବ୍ଦ ପ୍ରତିଟି ଭାରତୀୟଙ୍କୁ ପ୍ରେରଣା ଯୋଗାଇବ ବୋଲି ଉପରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି ।

---

## ଶାହା-ବିହାର

ବିହାରର ବିଭିନ୍ନ ସ୍ଥାନରେ ଜାତୀୟ ସଂଗୀତ 'ବନ୍ଦେ ମାତରମ୍‌'ର ୧୫୦ତମ ବାର୍ଷିକୀ ପାଳନ କରାଯାଉଛି । ପାଟନାରେ ରାଜ୍ୟ ବିଜେପି ମୁଖ୍ୟାଳୟରେ ଆୟୋଜିତ ସମାରୋହରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସମେତ ବରିଷ୍ଠ ମନ୍ତ୍ରୀ ଏବଂ ବିଜେପି ନେତାମାନେ ଯୋଗ ଦେଇଥିଲେ । ଶ୍ରୀ ଶାହା ଜାତୀୟ ସଂଗୀତର ସାମୂହିକ ଗାନରେ ଅଂଶଗ୍ରହଣ କରିବା ସହ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବନ୍ଦେ ମାତରମ୍ ହେଉଛି ଜାତୀୟ ଏକତା ଓ ଅଖଣ୍ଡତାର ପ୍ରତୀକ ।

**V/O (Saha- Sankalpa)**

ଏହି ସଂଗୀତ ଦେଶାତ୍ମବୋଧ ପ୍ରତି ଆମର ଜାତୀୟ ଗର୍ବ ଏବଂ ଚେତନାମୁ ମଧ୍ୟ ଦର୍ଶାଉଛି ବୋଲି ସ୍ୱାରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି ।

## ଏସ୍‌ସି-ଷ୍ଟ୍ରେ ଡଗ୍‌ସ

ସାର୍ବଜନୀନ ସ୍ଥାନଗୁଡ଼ିକରୁ ବୁଲା କୁକୁରମାନଙ୍କୁ ଦୂରେଇ ରଖିବା ଏବଂ ରାଜପଥରୁ ବୁଲା ଗୋରୁ ଓ ଅନ୍ୟ ପଶୁମାନଙ୍କୁ ଅଲଗା ରଖିବାକୁ ସୁପ୍ରିମକୋର୍ଟ ଆଜି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ସନ୍ଦୀପ ମେହେଟ୍ଟା ଏବଂ ଜଷ୍ଟିସ୍ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ସାରା ଦେଶରେ ବୁଲା କୁକୁର ପରିଚାଳନା

ଉପରେ ନିଜଆଡୁ ମାମଲାର ଶୁଣାଣି କରି ପ୍ରତ୍ୟେକ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ସାର୍ବଜନୀନ କ୍ରୀଡ଼ା କଂପ୍ଲେକ୍ସ, ବସ୍‌ଷ୍ଟାଣ୍ଡ୍ ଏବଂ ରେଳ ଷ୍ଟେସନକୁ ଠିକ୍ ଭାବେ ବ୍ୟାରିକେଡ୍ କରାଇ ସୁରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରାଣୀ ଜନ୍ମ ନିୟନ୍ତ୍ରଣ ଏ,ବି, ସି ନିୟମ-୨୦୨୩ ଅନୁଯାୟୀ, ବାଧ୍ୟତାମୂଳକ ଟିକାକରଣ ଏବଂ ବନ୍ଧ୍ୟାକରଣ ପରେ ଏହିସବୁ ପରିସରରୁ ନିୟମିତ ବୁଲା ପଶୁମାନଙ୍କୁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ପାଇଁ ସୁପ୍ରିମକୋର୍ଟ ପୌରସଂସ୍ଥା ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନେ ଏହି ନିର୍ଦ୍ଦେଶନାମା କଡ଼ାକଡ଼ି ଅନୁପାଳନ କରି ୮ ସପ୍ତାହ ମଦ୍ୟରେ ସ୍ଥିତି ରିପୋର୍ଟ ଦାଖଲ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ।

## ଏମ୍‌ଇଏ-ବ୍ରିଫିଂ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ଆଙ୍ଗୋଲା ଏବଂ ବୋତସ୍‌ୱାନାକୁ ଛଅ ଦିନିଆ ଗସ୍ତରେ ଯିବେ। ନୂଆଦିଲ୍ଲୀଠାରେ ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟର ଆର୍ଥିକ ସହଯୋଗ ବିଭାଗ ସଚିବ ସୁଧାକର ଦଲେଲା କହିଛନ୍ତି, ଏହି ଦୁଇ ରାଷ୍ଟ୍ର ଗସ୍ତ କରିବାରେ ରାଷ୍ଟ୍ରପତି ମୁର୍ମୁ ହେଉଛନ୍ତି ଭାରତର ପ୍ରଥମ ରାଷ୍ଟ୍ରମୁଖ୍ୟ। ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ’ ଆଙ୍ଗୋଲା ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ

ଆଲୋଚନା କରିବେ। ଆସନ୍ତା ୧୧ ତାରିଖରେ ଆଙ୍ଗୋଲା ସ୍ୱାଧୀନତାର ୫୦ତମ ବାର୍ଷିକୀ ସମାରୋହରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଆଙ୍ଗୋଲା ସଂସଦକୁ ରାଷ୍ଟ୍ରପତି ମୁର୍ମୁ ସମ୍ବୋଧନ କରିବା ସହ ସେଠାରେ ବସବାସ କରୁଥିବା ପ୍ରବାସୀ ଭାରତୀୟଙ୍କ ସହ ମତବିନିମୟ କରିବେ ବୋଲି ଶ୍ରୀ ଦଲେଲା କହିଛନ୍ତି।

# ପିଏମ୍‌-ବାରଣାସୀ ଭିଜିଟ୍‌

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ବାରାଣସୀ ଗସ୍ତ କରି ଚାରୋଟି ନୂତନ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଶୁଭାରମ୍ଭ କରିବେ। ନୂତନ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନଗୁଡ଼ିକ ବନାରସ-ଖଜୁରାହୋ, ଲକ୍ଷ୍ନୌ-ସହାରନପୁର, ଫିରୋଜପୁର-ଦିଲ୍ଲୀ ଏବଂ ଏର୍ଣ୍ଣାକୁଲମ-ବେଙ୍ଗାଲୁରୁ ରୁଟରେ ଚଳାଚଳ କରିବ।

ଏହି ରୁଟ୍‌ରେ ବନାରସ-ଖଜୁରାହୋ ମଧ୍ୟରେ ବନ୍ଦେ ଭାରତ ସିଧାସଳଖ ସଂଯୋଗ ସ୍ଥାପନ କରିବ। ଏହାଦ୍ୱାରା ବର୍ତ୍ତମାନ ଚାଲୁଥିବା ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ତୁଳନାରେ ପ୍ରାୟ ୨ ଘଣ୍ଟା ୪୦ ମିନିଟ୍‌ ଯାତ୍ରା ସମୟ ହ୍ରାସ ପାଇବ। ଏହି ବନ୍ଦେ ଭାରତ ଟ୍ରେନ୍‌' ବାରାଣସୀ, ପ୍ରୟାଗରାଜ, ଚିତ୍ରକୂଟ ଏବଂ ଖଜୁରାହୋ ସମେତ ଭାରତର ବିଭିନ୍ନ ଧାର୍ମିକ ଏବଂ ସାଂସ୍କୃତିକ ସ୍ଥାନକୁ ସଂଯୋଗ କରିବ। ଲକ୍ଷ୍ନୌ-ସହାରନପୁର ରୁଟ୍‌ରେ ବନ୍ଦେ ଭାରତ ଯାତ୍ରା ସମୟକୁ ୧ ଘଣ୍ଟା ହ୍ରାସ କରିବ। ଏହି ଟ୍ରେନ୍‌' ଲକ୍ଷ୍ନୌ, ସୀତାପୁର, ଶାହଜାହାନପୁର, ବରେଲି, ମୋରାଦାବାଦ ଏବଂ ବିଜନୌର

ଯାତ୍ରୀମାନଙ୍କୁ ସୁବିଧା ଦେବ। ଫିରୋଜପୁର-ଦିଲ୍ଲୀ ବନ୍ଦେ ଭାରତ ଏକ୍ସପ୍ରେସ ଜାତୀୟ ରାଜଧାନୀ ଏବଂ ପଞ୍ଜାବର ପ୍ରମୁଖ ସହର ଫିରୋଜପୁର, ବଥିଣ୍ଡା ଏବଂ ପଟିଆଲା ମଧ୍ୟରେ ସଂଯୋଗକୁ ତ୍ୱରାନ୍ୱିତ କରିବ।

## ଜିଏସ୍‌ଟି ରିଫର୍ମ୍- ତ୍ରିପୁରା

ଦେଶରେ ପରବର୍ତ୍ତି ପିଢ଼ିର ଜି.ଏସ୍.ଟି. ସଂସ୍କାର ଲାଗୁ ହେବା ପରେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତ ସେପ୍ଟେମ୍ବର ୨୨ ତାରିଖରେ ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଘୋଷଣା କରାଯିବା ପରେ ଏହା ଦେଶବାସୀଙ୍କୁ ଅର୍ଥ ସଞ୍ଚୟ କରିବା ଲାଗି ଅନେକ ସୁଯୋଗ ସୃଷ୍ଟି କରିଛି ।

ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର କିପରି ତ୍ରିପୁରାର ଅର୍ଥନୀତିକୁ ପ୍ରୋତ୍ସାହିତ କରୁଛି, ସେ ସଂପର୍କରେ ଏକ ରିପୋର୍ଟ :

ନୂତନ ପିଢ଼ିର ଜିଏସଟି ସଂସ୍କାର ତ୍ରିପୁରାର ଗ୍ରାମୀଣ କାରିଗର, କୃଷକ ଏବଂ କ୍ଷୁଦ୍ର ପ୍ରକ୍ରିୟାକରଣକାରୀଙ୍କ ପାଇଁ ଏକ ପ୍ରମୁଖ ପ୍ରୋତ୍ସାହନ ପାଲଟିଛି । ପ୍ରମୁଖ କ୍ଷେତ୍ରରେ ଟିକସ ହ୍ରାସ ଦ୍ୱାରା ସ୍ଥାନୀୟ ସାମଗ୍ରୀ ଗୁଡ଼ିକ ସୁଲଭ ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇପାରିଛି । ପ୍ୟାକେଜ୍ ଏବଂ ତତ୍କାଳ ଚା' ଉପରେ ଜିଏସଟି ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇ ଥିବାରି ରାଜ୍ୟର ଚା'ଶିଳ୍ପ ଲାଭବାନ ହେଉଛି । ୧ଲକ୍ଷରୁ ଅଧିକ ବୁଣାକାର ପରିବାରକୁ ସହାୟତା କରୁଥିବା ହସ୍ତତନ୍ତ, ବୟନଶିଳ୍ପ କ୍ଷେତ୍ରରେ ମଧ୍ୟ ୨ ହଜାର ୫୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ସିଲେଇ ପୋଷାକ୍ ଏବେ ୧୨ ପ୍ରତିଶତ ପରିବର୍ତ୍ତେ ମାତ୍ର ୫ ପ୍ରତିଶତ ଜିଏସଟି ଯୁକ୍ତ ହୋଇ ଗ୍ରାହକମାନଙ୍କୁ ଆକର୍ଷିତ କରୁଛି ।

ଫଳ ଆଧାରିତ ଏବଂ କୃଷି ପ୍ରକ୍ରିୟାକରଣ ଉଦ୍ୟୋଗରେ ନିବେଶକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଣୀ ଅନାରସ ରସ ଏବଂ ଅନ୍ୟାନ୍ୟ ଫଳରସ ଉପରେ ଜିଏସଟିକୁ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏଥିସହିତ ଯୋଗ୍ୟ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସାମଗ୍ରୀ ଉପରେ ଟିକସକୁ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯିବା ଫଳରେ ରାଜ୍ୟର ରେଶମ୍ ଆଧାରିତ ଉତ୍ପାଦ ଅଧିକ ସୁଲଭ ଏବଂ ବଜାର-ପ୍ରତିଦ୍ୱନ୍ଦିତାମୂଳକ ହୋଇପାରିଛି । ନୂତନ ଜିଏସଟି ସଂସ୍କାର ରାଜ୍ୟର ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ସହ କାରିଗର ଏବଂ କୃଷକମାନଙ୍କୁ ଉତ୍ସାହିତ କରୁଛି । ଭାରତର ଉତ୍ତର-ପୂର୍ବରେ ଏକ ପ୍ରମୁଖ ଅଭିବୃଦ୍ଧି କେନ୍ଦ୍ର ଭାବରେ ତ୍ରିପୁରାର ସ୍ଥିତିକୁ ସୁଦୃଢ଼ କରୁଛି ।

## ହକି– ୧୦୦ ବର୍ଷ

ଭାରତୀୟ ହକି ୧୦୦ ବର୍ଷ ପୂରଣ କରିଛି। ଏହି ୧୦୦ ବର୍ଷର ଯାତ୍ରା ଦେଶର ଗୌରବ ଏବଂ କ୍ରୀଡ଼ାବିତ୍‌ମାନଙ୍କ ପରିଶ୍ରମ ଓ ସଫଳତାର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି। ଏହି ଅବସରରେ ଆଜି ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମ୍‌ଠାରେ ହକି ଇଣ୍ଡିଆ ସହ କେନ୍ଦ୍ର କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଭାରତୀୟ ହକିର ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହେବ।

ଏହି ଅବସରରେ 'ଭାରତୀୟ ହକିର ୧୦୦ ବର୍ଷ' ନାମକ ସ୍ମାରକୀ ପୁସ୍ତକ ଉନ୍ମୋଚନ କରାଯିବ। ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମ୍‌ଠାରେ

ଏକ ଫଟୋ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି। ଭାରତୀୟ ହକି ଫେଡେରେସନ୍ ୧୯୨୫ ମସିହା ନଭେମ୍ବର ୭ ତାରିଖରେ ଗଠିତ ହୋଇଥିଲା, ଯାହା ୨୦୦୯ ମସିହାରେ ହକି ଇଣ୍ଡିଆ ଦ୍ୱାରା ପ୍ରତିସ୍ଥାପିତ ହୋଇଥିଲା । ଏହି ଗୌରବମୟ ଶହେବର୍ଷର ହକି ସମ୍ପର୍କିତ ଫଟୋ ପ୍ରଦର୍ଶନ କରାଯିବ। ଜାତୀୟ କ୍ରୀଡ଼ା' ଗ୍ରାମୀଣ ଏବଂ ସହରାଞ୍ଚଳକୁ ଏକତ୍ର କରି ସମଗ୍ର ଦେଶରେ ଏକ ଉତ୍ସବମୁଖୀ ପରିବେଶ ସୃଷ୍ଟି କରିବା ଏହି ଉତ୍ସବ ପାଳନର ଲକ୍ଷ୍ୟ ରହିଛି।

ଏଥିସହିତ ଦେଶର ୫୫୦ରୁ ଅଧିକ ଜିଲ୍ଲାରେ ସମାନ୍ତରାଳ ଭାବରେ ୧୪ଶହରୁ ଅଧିକ ହକି ମ୍ୟାଚ୍ ଆୟୋଜନ କରାଯାଇଛି । ଏଥିରେ ୩୬ ହଜାରରୁ ଅଧିକ ଖେଳାଳି ସାମିଲ ହେବେ।

ଆଜି ନୂଆଦିଲ୍ଲୀରେ କ୍ରୀଡ଼ାମନ୍ତ୍ରୀ ଏକାଦଶ ଏବଂ ହକି ଇଣ୍ଡିଆ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ହକି ମ୍ୟାଚ୍ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭୀୟ, ଏବଂ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଅଂଶ ଗ୍ରହଣ କରିଥିଲେ। ଭାରତୀୟ ଦଳର ପୂର୍ବତନ ହକି ତାରକାମାନେ ଉପସ୍ଥିତ ରହି ଏହି ମ୍ୟାଚ୍ ଉପଭୋଗ କରିଥିଲେ । କ୍ରୀଡ଼ାମନ୍ତ୍ରୀ ଏକାଦଶ ୩-୧ରେ ମ୍ୟାଚ୍ ବିଜୟୀ ହୋଇଥିଲା ।